ଦେବ ବାହ୍ଲାଦ ସମ୍ମତେ ମୋତେ ଯେ ପାଇଲ
ଯେତେବେଳ କଥା କ ହେ ପାଣୋଗ୍ରଣ ହେଲ ।
ମୋର ପିତା ବରୁଣ ଯେ ତୁମ୍ଭଙ୍କୁ କହିଲ
କନକ ବେଦୀରେ ନେଇ ହସ୍ତ କରାଇଲ ।
ହିଅ ହେଇ ଶରଣ ପଶିଲି ତୁମ୍ଭଠାଇଁ
ଦଶ ଦୋଷ ମୋର କ୍ଷମା କରିବାର ପାଇଁ ।
ଦଶଗୋଟି ଦୋଷରୁ ଗୋଟିଏ ନ ସହିଲ
ପ୍ରଥମରେ ବୃନ୍ଦାକୁଣୀ ବୋଲି ଗାଳି ଦେଲ । ।୯୦।
ହସ୍ତ ବାସିଦନ କୁଆ ଖେଳିବାର ବେଳେ
ହାତବେଳ କଉଡ଼ି ଯେ ପାରିଲଇଁ ତଳେ ।
ତୁମ୍ଭେ ତାଳଦଅ ନାଥ ମୋହର ହସ୍ତରେ
ସୁବର୍ଣ୍ଣ କଉଡ଼ି ମୁହିଁ ନାକଲଇଁ କରେ ।
ଛଡ଼ାଇ ନ ପାରି ତୁମ୍ଭେ ବ୍ରହ୍ମାଣ୍ଡ ଠାକୁର
ମୋତେ ବୋଇଲ ଯା ଇଚ୍ଛା ମାଗି ଘେନ ବର ।
ଯାହା ମନେ ବାଞ୍ଛା ଗୋ କରିବୁ ବଇଦେହି
ତାହା ମୁଁ ଅବଶ୍ୟ ଦେବି ଶୁଣ ପ୍ରାଣସହି ।
କରପଦ୍ମ ଯୋଡ଼ିଣ ମୁଁ ବୋଇଲି ଉତ୍ତର
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଠାକୁର । ।୧୦୦।
ଅସ୍ତଦନେ ପଡ଼ିବ ମୋହର ଗୁରୁବାର
ପଡ଼ ଚରଚବ ମୁହିଁ ସବୁରିଙ୍କ ଘର ।
ପଡ଼ ଚରଚବ ଖାଟୁଁ ବ୍ରହ୍ମା ପରିଯନ୍ତେ
ଏହି ଦୋଷ ମୋର ପ୍ରଭୁ ନ ଧରିବ ଚିତ୍ତେ ।
ହେଲ ବୋଲି ଶ୍ରୀମୁଖରେ ଅଛ ଆଜ୍ଞା ଦେଇ
ଏବେ କପାଁ ସତ୍ୟ ଭଙ୍ଗ ହେଉଛ ଗୋସାଇଁ ।
ଜଗନ୍ନାଥ କହୁଛନ୍ତି କୋପଭର ହୋଇ
ବାପ ତୋ ଲୁଣିଆ ଯେ ତରଙ୍ଗ ମରୁଥାଇ ।
ହିଅ ହେଁସ ତୋ ଦୁର୍ଗୁଣ କହିଲେ ନ ସରେ
ବାପର ଗର୍ଜନ ଶବ୍ଦେ କିଏ ରହିପାରେ । ।୧୧୦।

ଜଗନ୍ନାଥ କହୁଛନ୍ତି ଏମନ୍ତ କଣକୁ
ମାଣେ ମାଣେ ପଣ୍ଡ ତୋତେ ନିତ୍ୟ ଦେଉଥିବୁ ।
ଭାଇଙ୍କ ବୁଝାଇ ପଛେ ତୁମ୍ଭଙ୍କୁ ଆଣିବୁଁ
ଭାଇଙ୍କ ଆଜ୍ଞା ଅବଜ୍ଞା କେବେହେଁ ନ କରିବୁଁ ।
ଲକ୍ଷ୍ମୀଦେବୀ କହନ୍ତି ପଡ଼ରେ କାର୍ଯ୍ୟ ନାହିଁ
ଅନାଥ ଅରକ୍ଷ ପ୍ରାଣ୍ତେ ଯାଉଅଛି ମୁହିଁ ।
ଚଣ୍ଡୀ ଅଲକ୍ଷଣୀ ଝିଅ ମୁହିଁ ସେ ନୁହଇ
ପିତାଙ୍କ ଘରକୁ ମୁଁ ସେ ବାହୁଡ଼ି ଯିବଇଁ ।
ତୁମ୍ଭ ଅଳଙ୍କାରମାନ ପ୍ରଭୁ କାଢ଼ି ନିଅ
ପଛରେ ମୋତେ ସେ ଆଉ ବୋଲଣା ନ ଦିଅ ।
ଗୋବିନ୍ଦ ବୋଲନ୍ତି ଲକ୍ଷ୍ମୀ ହୋଇଲ କି ବାଇ
ଅଙ୍ଗ ଅଳଙ୍କାର ଆମ୍ଭେ ନେବୁ କାହିଁ ପାଇଁ ।
ଘରଯାର ଅଙ୍ଗେ ଯେଉଁ ଅଳଙ୍କାର ଥାଏ ।
ସ୍ୱାମୀ ହୋଇ ତାହାଠାରୁ କାଢ଼ିଣ କି ନିଏ ।
ଠାକୁରାଣୀ କହୁଛନ୍ତି ଶ୍ରୀମୁଖକୁ ଚାହିଁ
ତୁମ୍ଭର ଅଟଇ ମୁଁ ସେ ପ୍ରଥମ ବିବାହୀ ।
ପଛରେ କହିବ ଲକ୍ଷ୍ମୀ ଆମ୍ଭ ଘରେ ଥିଲା
ସହସ୍ର ଟଙ୍କାର ଅଳଙ୍କାର ଘେନି ଗଲା ।
ଏମନ୍ତ ଅଖ୍ୟାତି ମୋତେ ନ ଦିଅ ଗୋସାଇଁ
ତୁମ୍ଭ ଅଳଙ୍କାରମାନ ନିଅ ବାହୁଡ଼ାଇ ।
ଶିରରୁ କାଢ଼ିଲେ ଲକ୍ଷ୍ମୀ ମୁକୁଟର ଜାଲି
ହୃଦରୁ କାଢ଼ିଲେ ଇନ୍ଦ୍ର ଗୋବିନ୍ଦ କାଞ୍ଚୁଲି ।
ଅଣ୍ଟାରୁ କାଢ଼ିଲେ ମାଏ ରତ୍ନ ଓଡ଼ିଆଣୀ
ନାସିକାରୁ କାଢ଼ିଲେ ସେ ମୁକୁତା ବସଣୀ ।
ଦୁଇ କର୍ଣ୍ଣରୁ କାଢ଼ିଲେ ହୀରାର କୁଣ୍ଡଳ
ଗଳାରୁ କାଢ଼ିଲେ ସେ ଦୋସରି ରତ୍ନମାଳ ।
ପାଦରୁ କାଢ଼ିଲେ ଦେବୀ ବାଜେଣୀ ନୂପୁର
ଅଙ୍ଗରୁ କାଢ଼ିଲେ ମାତ ଝୁଣ୍ଟିଆ ସଭିର ।

